# NATIONAL NEWS BULLETIN (ODIA)

**10 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଅଷ୍ଟ୍ରିଆର ଭିଏନା ଠାରେ ଚାନ୍‌ସେଲ୍‌ର କାର୍ଲ ନେହମ୍ମର୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ସାକ୍ଷାତ ଆଲୋଚନା

- ୭ଟି ରାଜ୍ୟର ୧୩ଟି ବିଧାନସଭା ଉପ-ନିର୍ବାଚନ ପାଇଁ ଚାଲିଛି ମତଗ୍ରହଣ ।

- ଉତ୍ତରପ୍ରଦେଶର ବାଙ୍ଗରମାଉ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ୧୮ଜଣଙ୍କର ମୃତ୍ୟୁ ।

- କର୍ଣ୍ଣାଟକରେ ଆର୍ଥିକ ହେରଫେର ଅଭିଯୋଗ ମାମଲାରେ ପୂର୍ବତନ ମନ୍ତ୍ରୀ ଓ ବିଧାୟକ ଘରେ ଇଡି ଚଢ଼ାଉ ଜାରି ।

ଏବଂ

- ଭାରତ ଏବଂ ଜିମ୍ବାୱେ ମଧ୍ୟରେ ତୃତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍ ଆଜି ଖେଳାଯିବ ।

---

## ପିଏମ୍-ଅଷ୍ଟ୍ରିଆ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅଷ୍ଟ୍ରିଆର ଭିଏନା ଠାରେ ଚାନ୍‌ସେଲ୍‌ର କାର୍ଲ ନେହମ୍ମର୍ ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ

ଗଣମାଧ୍ୟମରେ ପୋଷ୍ଟ କରି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯିବା ସହ ନୈଶ୍ୟ ଭୋଜି ପ୍ରଦାନ କରିଥିବାରୁ ଚାନ୍‌ସେଲର ନେହମ୍ମରଙ୍କୁ ଶ୍ରୀ ମୋଦୀ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଆଗାମୀ ଦିନରେ ଭାରତ-ଅଷ୍ଟ୍ରିଆ ଦ୍ୱିପାକ୍ଷିକ ସଂପର୍କ ଆହୁରି ମଜବୁତ ହେବ । ଉଭୟ ଦେଶ ମିଳିତ ଭାବେ ବିଶ୍ୱର ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଚାନ୍‌ସେଲର ନେହମ୍ମର ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଅଷ୍ଟ୍ରିଆ ଆଗମନକୁ ସ୍ୱାଗତ କରିବା ସହ ଏହା ଏକ ଆନନ୍ଦ ଏବଂ ସମ୍ମାନର ବିଷୟ ବୋଲି କହିଛନ୍ତି । ଅଷ୍ଟ୍ରିଆ ଏବଂ ଭାରତ ପରସ୍ପରର ବନ୍ଧୁ ଏବଂ ସହଯୋଗୀ ରାଷ୍ଟ୍ର ଭାବେ କାର୍ଯ୍ୟ କରିବେ ବୋଲି ଶ୍ରୀ ନେହମ୍ମର କହିଛନ୍ତି । ଦୁଇ ନେତାଙ୍କ ମଧ୍ୟରେ ରାଜନୈତିକ ଏବଂ ଅର୍ଥନୈତିକ ସହଭାଗିତା ନେଇ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

## ବାଇ ଇଲେକ୍‌ସନ୍

୭ଟି ରାଜ୍ୟର ୧୩ଟି ବିଧାନସଭା ଉପ-ନିର୍ବାଚନରେ ମତଗ୍ରହଣ ଚାଲିଛି । ସେଥିମଧ୍ୟରେ ପଶ୍ଚିମବଙ୍ଗର ରାଇଗଞ୍ଜ, ରାଣାଘାଟ ଦକ୍ଷିଣ, ବାଗଦା ଏବଂ ମାଣିକତାଲା ଆସନ ଗୁଡ଼ିକ ରହିଛି । ସେହିଭଳି ହିମାଚଳ ପ୍ରଦେଶର ତିନୋଟି ଦେହରା, ହମୀରପୁର ଏବଂ ନାନାଗଡ଼ ଆସନରେ ମତଦାନ ଅନୁଷ୍ଠିତ ହେଉଛି । ଉତ୍ତରାଖଣ୍ଡର ବଦ୍ରିନାଥ ଏବଂ ମାଙ୍ଗ୍‌ଲୋର୍, ପଞ୍ଜାବର ଜଳନ୍ଧରୱେଷ୍ଟ, ବିହାରର ରୁପାଉଲି, ମଧ୍ୟପ୍ରଦେଶର ଅମରୱାଡା ଏବଂ ତାମିଲନାଡୁର ଭିକ୍ରାବାନ୍ଦି ଆସନ ପାଇଁ ମତଦାନ ଚାଲିଛି । ଦିନ ୧୧ଟା ସୁଦ୍ଧା ଭିକ୍ରାବାନ୍ଦି ଆସନରେ ପାଖାପାଖି ୩୦ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ଏହି ଆସନରେ ୨୯ ଜଣ

ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଡିଏମ୍‌କେ ବିଧାୟକ ଏନ୍.ପୁଗାଜେନ୍ଥିଙ୍କ ପରଲୋକ ଯୋଗୁଁ ଏହି ଆସନଟି ଖାଲି ପଡ଼ିଥିଲା ।

ପଞ୍ଜାବରର ଜଳନ୍ଧର ୱେଷ୍ଟ୍ ବିଧାନସଭା ଉପନିର୍ବାଚନ ପାଇଁ ମତଦାନ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ୧୮୧ଟି ମତଦାନ କେନ୍ଦ୍ରରେ ମତଦାତା ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରୁଛନ୍ତି । ଏହି ନିର୍ବାଚନରେ ମୋଟ୍ ୧୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି ।
ଆସନ୍ତା ଶନିବାର ଦିନ ଏହି ଉପନିର୍ବାଚନର ଭୋଟ ଗଣତି ସହ ଫଳାଫଳ ଘୋଷଣା କରାଯିବ ।

---

# ଏସ୍‌ସି-କମିଶନ

କର୍ଣ୍ଣାଟକରେ ୫ଟି ନିଶ୍ଚିତ ଯୋଜନା ପାଇଁ ଅନୁସୂଚିତ ଜାତି ଉପଯୋଜନା ଏବଂ ଆଦିବାସୀ ଉପଯୋଜନାର ପାଣ୍ଠି ଉପଯୋଗ କରାଯାଇଥିବା ସଂକ୍ରାନ୍ତ ଅଭିଯୋଗ ଉପରେ ଜାତୀୟ ଅନୁସୂଚିତ ଜାତି ଆୟୋଗ' ରାଜ୍ୟ ସରକାରଙ୍କଠାରୁ ରିପୋର୍ଟ ମାଗିଛନ୍ତି । ଗଣମାଧ୍ୟମ ରିପୋର୍ଟକୁ ଆଧାର କରି ଆୟୋଗ ନିଜଆଡୁ ଏହି ପ୍ରସଙ୍ଗ ଉପରେ ରାଜ୍ୟ ସରକାରଙ୍କୁ ୭ ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ କର୍ଣ୍ଣାଟକ ସରକାର ୫ଟି ନିଶ୍ଚିତ ଯୋଜନାକୁ ପାଣ୍ଠି ଆବଣ୍ଟନ କରିବା ଲକ୍ଷ୍ୟରେ ଏହି ଉପଯୋଜନା ଗୁଡ଼ିକରୁ ୧୪ ହଜାର କୋଟି ଟଙ୍କା ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଥିବା ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା ।

---

## ପଶ୍ଚିମବଙ୍ଗ-ସିବିଆଇ

ରାଜ୍ୟ ସରକାରଙ୍କ ବିନା ସହମତିରେ ନିର୍ବାଚନ ପରବର୍ତ୍ତୀ ହିଂସା ମାମଲାରେ ସିବିଆଇ ତଦନ୍ତ ଆଇନ ସମ୍ମତ ନୁହେଁ ବୋଲି ପଶ୍ଚିମବଙ୍ଗ ସରକାରଙ୍କ ତରଫରୁ ଆଗତ ମାମଲା ଉପରେ ସୁପ୍ରିମକୋର୍ଟ ଶୁଣାଣି ଆରମ୍ଭ କରିଛନ୍ତି । ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆବେଦନର ପ୍ରାଥମିକ ଶୁଣାଣି କରି ଏହା ବିଚାରଯୋଗ୍ୟ ବୋଲି କହିଛନ୍ତି । ସମ୍ବିଧାନର ଧାରା-୧୩୧ ଅନୁଯାୟୀ ଏଭଳି ଆବେଦନ ବିଚାରଯୋଗ୍ୟ ନୁହେଁ ବୋଲି କେନ୍ଦ୍ର ସରକାରଙ୍କ ଯୁକ୍ତିକୁ ଖଣ୍ଡପୀଠ ଅଗ୍ରାହ୍ୟ କରିଛନ୍ତି । ଖଣ୍ଡପୀଠ କହିଛନ୍ତି କୌଣସି ଆବେଦନର ନିଷ୍ପତ୍ତି ଏହାର ଯୋଗ୍ୟତା ଆଧାରରେ କରାଗଲେ କୌଣସି ପ୍ରଭାବ ପଡ଼ିବ ନାହିଁ । ସୁପ୍ରିମକୋର୍ଟ ଆସନ୍ତା ମାସ ୧୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି ।

ସୂଚନାଯୋଗ୍ୟ ୨୦୧୮ ମସିହାରେ ପଶ୍ଚିମବଙ୍ଗ ସରକାର ସେଠାରେ ସିବିଆଇକୁ ତଦନ୍ତ ପାଇଁ ଅନୁମତି ଦେବା ସଂକ୍ରାନ୍ତ ସହମତିକୁ ପ୍ରତ୍ୟାହାର କରିନେଇଥିଲେ । ୧୯୪୬ ମସିହା ଦିଲ୍ଲୀ ସ୍ୱତନ୍ତ୍ର ପୋଲିସ୍ ଏଷ୍ଟାବ୍ଲିସ୍‌ମେଣ୍ଟ ଆକ୍ଟ ଅନୁଯାୟୀ ରାଜ୍ୟ ସରକାର ସହମତି ପ୍ରତ୍ୟାହାର କରିଥିବାରୁ ସିବିଆଇ ରାଜ୍ୟରେ କୌଣସି ତଦନ୍ତ କରିପାରିବ ନାହିଁ ବୋଲି ପଶ୍ଚିମବଙ୍ଗ ସରକାର ତାଙ୍କ ଆବେଦନରେ ଦର୍ଶାଇଛନ୍ତି ।

## କର୍ଣ୍ଣାଟକ-ଇଡି

କର୍ଣ୍ଣାଟକରେ ଆର୍ଥିକ ହେରଫେର ଅଭିଯୋଗ ମାମଲାରେ ରାଜ୍ୟ କଂଗ୍ରେସ ନେତା ତଥା ପୂର୍ବତନ ଆଦିବାସୀ କଲ୍ୟାଣ ମନ୍ତ୍ରୀ ବି. ନଗେନ୍ଦ୍ର

ଏବଂ ରାଇଚୁର୍ ରୁରାଲ୍ ର ବିଧାୟକ ବି. ଦଲାଲଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚଢ଼ାଉ କରିଛି । ବି. ଦଲାଲ ମହର୍ଷି ବାଲ୍ମିକୀ ଅନୁସୂଚିତ ଜନଜାତି ଉନ୍ନୟନ ନିଗମର ଅଧ୍ୟକ୍ଷ ଥିବା ସମୟରେ ଏହି ଆର୍ଥିକ ହେରଫେର ଅଭିଯୋଗ ହୋଇଥିଲା । ଆମ ପ୍ରତିନିଧିଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଉଭୟ ନେତାଙ୍କ ବାସଭବନ ଏବଂ କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାର ୨୦ଟି ସ୍ଥାନର ଇ.ଡି. ପକ୍ଷରୁ ଚଢ଼ାଉ ଜାରି ରହିଛି ।

ସୂଚନାଯୋଗ୍ୟ ଉନ୍ନୟନ ନିଗମର ବିତ୍ତୀୟ ପରିଚାଳନା ବିଭାଗରେ କାର୍ଯ୍ୟରତ ଚନ୍ଦ୍ରଶେଖରନ୍ ପି. ନିଗମର ବ୍ୟାଙ୍କ ଆକାଉଣ୍ଟରୁ ୧୮୭ କୋଟି ଟଙ୍କା ବେଆଇନ ଭାବେ ସ୍ଥାନାନ୍ତର ହୋଇଥିବା ନେଇ ଏକ ସୁଇସାଇଡ୍ ନୋଟ୍ ପରିପ୍ରେକ୍ଷୀରେ ଏହି ଦୁର୍ନୀତି ଜଣାପଡ଼ିଥିଲା । ପରବର୍ତ୍ତୀ ସମୟରେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଡି. ନଗେନ୍ଦ୍ର ଇସ୍ତଫା ଦେଇଥିଲେ । କେତେକ ଆଇ.ଟି. କମ୍ପାନୀ ଏବଂ ହାଇଦ୍ରାବାଦର ଏକ ସମବାୟ ବ୍ୟାଙ୍କର ବିଭିନ୍ନ ଆକାଉଣ୍ଟରେ ବେଆଇନ ଭାବେ ୮୮ କୋଟି ୬୨ ଲକ୍ଷ ଟଙ୍କା ଜମା ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗର ତଦନ୍ତ ପାଇଁ କର୍ଣ୍ଣାଟକ ସରକାର ପୁଲିସ୍ ସିଆଇଡିର ଏକ ସ୍ୱତନ୍ତ୍ର ଦଳ ଗଠନ କରିଥିଲେ ।

## ଭିପି-ମହାରାଷ୍ଟ୍ର

ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଆସନ୍ତାକାଲି ମହାରାଷ୍ଟ୍ର ବିଧାନସଭାର ଏକ ସ୍ୱତନ୍ତ୍ର ବୈଠକରେ ସମ୍ବୋଧନ କରିବେ । ବିଧାନସଭାର ବାଚସ୍ପତି ରାହୁଲ ନାର୍ବେକର ଏବଂ ବିଧାନପରିଷଦ ଉପାଧ୍ୟକ୍ଷ ଡକ୍ଟର ନିଲମ ଗୋରେଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ

ଧନଖଡ଼ ବିଧାନସଭାରେ ଉଦ୍‌ବୋଧନ ଦେବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି ।

## ୟୁପି-ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶର ଉନ୍ନାଓ ଜିଲ୍ଲା ଅନ୍ତର୍ଗତ ବାଙ୍ଗରମାଉ ନିକଟରେ ଆଜି ସକାଳେ ଲକ୍ଷ୍ନୌ-ଆଗ୍ରା ଏକ୍ସପ୍ରେସ୍ ୱେ ରେ ଏକ ଦୁର୍ଘଟଣାରେ ୧୮ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୧୯ ଜଣ ଆହତ ହୋଇଛନ୍ତି । ଏକ ଡବଲ୍ ଡେକର ବସ୍ ଗୋଟିଏ କ୍ଷୀର ଟ୍ୟାଙ୍କରକୁ ଧକ୍କା ଦେବା ଫଳରେ ଏହି ଦୁର୍ଘଟଣା ଘଟିଛି । ବସ୍‌ଟି ବିହାରର ସୀତାମାଢ଼ିରୁ ଦିଲ୍ଲୀ ଅଭିମୁଖେ ଯାଉଥିଲା । ପୁଲିସ୍ ଏବଂ ଅନ୍ୟ ଜରୁରୀକାଳୀନ ସେବା ଯୋଗାଣକାରୀ ସଂସ୍ଥା ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ । ମୃତାହତଙ୍କ ସଂପର୍କରେ ସୂଚନା ପ୍ରଦାନ ଲାଗି ଉନ୍ନାଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟେଲିଫୋନ ନମ୍ବର ଜାରି କରାଯାଇଛି । ଉନ୍ନାଓ ଆରକ୍ଷୀ ଅଧିକ୍ଷ ସିଦ୍ଧାର୍ଥଶଂକର ମୀନା କହିଛନ୍ତି ଜିଲ୍ଲା ହାସ୍‌ପାତାଳରେ ଆହତମାନଙ୍କ ଚିକିତ୍ସା କରାଯାଉଛି । ଅଧିକ ଚିକିତ୍ସା ପାଇଁ ୫ଜଣଙ୍କୁ ଲକ୍ଷ୍ନୌକୁ ସ୍ଥାନାନ୍ତରିତ କରାଯାଇଛି ।

ଏହି ଦୁର୍ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି ମୃତକଙ୍କ ପରିବାରର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ଆହତଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି । ଦୁର୍ଘଟଣାରେ ମୃତକଙ୍କ ନିକଟ ସଂପର୍କୀୟଙ୍କ ଲାଗି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତମାନଙ୍କ ଲାଗି ୫୦ ହଜାର ଟଙ୍କାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଶ୍ରୀ ମୋଦୀ ଘୋଷଣା କରିଛନ୍ତି ।

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଆହତମାନଙ୍କର ଉପଯୁକ୍ତ ଚିକିତ୍ସା ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ସୌମ୍ୟା ସ୍ୱାମୀନାଥନ୍

ପ୍ରଫେସର ଡକ୍ଟର ସୌମ୍ୟା ସ୍ୱାମୀନାଥଙ୍କୁ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପ୍ରମୁଖ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି ।

ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଯକ୍ଷ୍ମା ନିରାକରଣ କାର୍ଯ୍ୟ ହାସଲ ପାଇଁ ସାମଗ୍ରୀକ ରଣନୀତି ଉପରେ ଡକ୍ଟର ସ୍ୱାମୀନାଥନ ପରାମର୍ଶ ପ୍ରଦାନ କରିବେ । ନୀତିନିର୍ଦ୍ଧାରଣ ଏବଂ ପାଠ୍ୟକ୍ରମରେ ଆବଶ୍ୟକ ସଂଶୋଧନ ପାଇଁ ମଧ୍ୟ ସେ ପରାମର୍ଶ ଦେବେ ବୋଲି ମନ୍ତ୍ରଣାଳୟ କହିଛି । ବିଶ୍ୱସ୍ତରରେ ଶୀର୍ଷ ପ୍ରତିଭାଙ୍କୁ ନେଇ ବିଶେଷଜ୍ଞ ଗୋଷ୍ଠୀ ଗଠନରେ ସେ ସହାୟତା ପ୍ରଦାନ କରିବେ । ଏଥିସହ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ଦିଗରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ରାଜ୍ୟ ସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରି

ଆବଶ୍ୟକ ପରାମର୍ଶ ଦେବେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ଏବଂ ଭାରତୀୟ ଚିକିତ୍ସା ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଭାବେ ପ୍ରଫେସର ସ୍ୱାମୀନାଥନ୍ କାର୍ଯ୍ୟ କରିଥିଲେ ।

## ଇଣ୍ଡିଆ-ଜିମ୍ବାୱେ

ଭାରତ ଏବଂ ଜିମ୍ବାୱେ ମଧ୍ୟରେ ଚାଲିଥିବା ପାଞ୍ଚଟିକିଆ ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ତୃତୀୟ ମ୍ୟାଚ୍ ଆଜି ଜିମ୍ବାୱେର ହରାରେ ସ୍ପୋର୍ଟସ୍ କ୍ଲବ୍ ଠାରେ ଖେଳାଯିବ । ଭାରତୀୟ ସମୟ ଅପରାହ୍ଣ ସାଢ଼େ ୪ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନ ସ୍ତରରେ ଅଛନ୍ତି ।

ପ୍ରଥମ ମ୍ୟାଚ୍‌ଟିରେ ଜିମ୍ବାୱେ ୧୩ରନ୍‌ରେ ବିଜୟଲାଭ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ୧୦୦ରନ୍‌ରେ ପରାସ୍ତ ହୋଇଥିଲା । ଇତିମଧ୍ୟରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ୍ ଜିମ୍ବାୱେ କ୍ରିକେଟ୍ ଦଳକୁ ଏବଂ ସେଠାକାର ପର୍ଯ୍ୟଟନ ବିଭାଗ ସହ ମିଳିତ ଭାବେ ଭାରତୀୟ କ୍ରିକେଟ୍ ଦଳର ସଦସ୍ୟ ଏବଂ ତାଙ୍କର ପରିବାରକୁ ହରାରେ ଠାରେ ଅଭୟାରଣ୍ୟ ପରିଦର୍ଶନ କରାଇଛନ୍ତି । ଏହି ଗସ୍ତ ସମ୍ପର୍କିତ ଫଟୋ ବି.ସି.ସି.ଆଇ. ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛି ।